ଧାନ ନଡ଼ା ବ୍ୟବହାର ଦ୍ୱାରା ଛତୁଚାଷୀ ମାନଙ୍କର ଆୟ ବୃଦ୍ଧି କରାଯାଇପାରିବ। ଏହା ଏକ ପରିବେଶ ଅନୁକୂଳ ତଥା ଶସ୍ତାଉପାୟ ଯାହାକୁ ବ୍ୟବହାର କରି ଉଭୟ ପୁରୁଷ ଓ ମହିଳା ଚାଷୀମାନେ ନିଜର ଆୟ ବୃଦ୍ଧି କରିପାରିବେ।



ଧିଙ୍ଗରୀ ଛତୁ ଚାଷରେ ସଫଳ ଆଦିବାସୀ ମହିଳା

## ଛତୁଚାଷ ଦ୍ୱାରା ନାମମାତ୍ର ଏବଂ କ୍ଷୁଦ୍ର ଚାଷୀଙ୍କର ଉପାର୍ଜନ ବୃଦ୍ଧି

ଏନ୍.ଆର୍.ଆର୍.ଆଇ. ବୈଷୟିକ ଇସ୍ତାହାର-୧୪୬
(Published under TSP)

©ସମସ୍ତ ସତ୍ତ୍ୱ ସଂରକ୍ଷିତ: ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, ମାର୍ଚ୍ଚ-୨୦୨୦

ସମ୍ପାଦନା ଏବଂ ପୃଷ୍ଠା ବିନ୍ୟାସ: ସୁମନ୍ତ କୁମାର ମିଶ୍ର ଓ ସନ୍ଧ୍ୟାରାଣୀ ଦଲାଲ୍
ଓଡିଆ ରୂପାନ୍ତର: ଭବାନୀ ଶଂକର ଶତପଥୀ ଓ ସନ୍ଧ୍ୟାରାଣୀ ଦଲାଲ୍
ଓଡ଼ିଆ ମୁଦ୍ରା ଲେଖକ: ସୁଜାତା ମହାନ୍ତି
ଫଟୋ: ପ୍ରକାଶ କର ଏବଂ ଭଗବାନ ବେହେରା

ଟାଇପ୍ ସେଟ୍ : ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ (ଓଡିଶା) ୭୫୩ ୦୦୬
ପ୍ରକାଶକ : ନିର୍ଦ୍ଦେଶକ, କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ
ମୁଦ୍ରଣ : ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା.ଲିଃ., ଭୁବନେଶ୍ୱର

# ଛତୁଚାଷ ଦ୍ୱାରା ନାମମାତ୍ର ଏବଂ କ୍ଷୁଦ୍ର ଚାଷୀଙ୍କର ଉପାର୍ଜନ ବୃଦ୍ଧି

ଶ୍ରୀକାନ୍ତ ଲେଙ୍କା, ଭବାନୀ ଶଙ୍କର ଶତପଥୀ, ଅମରେଶ କୁମାର ନାୟକ, ସଞ୍ଜୟ ସାହା, ସୁମନ୍ତ କୁମାର ମିଶ୍ର, ମ୍ରିଦୁଲ ଚକ୍ରବର୍ତ୍ତୀ, ରଘୁ ଏସ, ବିଶ୍ୱଜିତ ମଣ୍ଡଳ, ବିସି ମାରାଣ୍ଡି, ଆଶୀର୍ବଚନ ମହାପାତ୍ର, ରଞ୍ଜନ କୁମାର ମହନ୍ତ



ଛତୁଚାଷ ଲିଗ୍ନୋ ସେଲ୍ୟୁଲୋଜିକ୍ (ଉଦାହରଣ : ଧାନନଡ଼ା) ବର୍ଜ୍ୟବସ୍ତୁ ଗୁଡ଼ିକର ଜୈବିକ ରୂପାନ୍ତରଣର ଏକ ସ୍ୱଳ୍ପବ୍ୟୟୀ ପନ୍ଥା। ଏହା କମ ଖାଦ୍ୟ ଗୁଣବତ୍ତା ବିଶିଷ୍ଟ ଧାନନଡ଼ା ରୁ ଖାଦ୍ୟ ଗ୍ରହଣ କରିଥାଏ ଏବଂ ଏହାକୁ ଉଭୟ ମଣିଷ ଓ ଗୃହପାଳିତ ପଶୁଙ୍କର ଖାଦ୍ୟରୂପେ ବ୍ୟବହାର କରାଯାଇପାରେ। ଓଡ଼ିଶାର ଜଳବାୟୁ ଛତୁଚାଷ ପାଇଁ ଉପଯୋଗୀ ଅଟେ। ଦେଶର ଛତୁ ଉତ୍ପାଦନରେ ଓଡ଼ିଶାର ଅବଦାନ ପ୍ରାୟ ୧୦% ଅଟେ। ଛତୁ ଓଡ଼ିଶାର ପ୍ରାୟ ସମସ୍ତ ଜିଲ୍ଲାରେ ଚାଷ କରାଯାଇ ପାରିବ। ସାଧାରଣତଃ ୩ ପ୍ରକାର ର ଛତୁ ଚାଷ କରାଯାଇଥାଏ ଯଥା: ୧)ପାଳଛତୁ, ୨)ଧିଙ୍ଗିରୀଛତୁ, ୩)ବଟନଛତୁ। ଛତୁ ଏକ ପୁଷ୍ଟିକର ଖାଦ୍ୟ; ଏଥିରେ ପୁଷ୍ଟିସାର, ଭିଟାମିନ, ଖଣିଜ ଲବଣ ଭରପୁର ମାତ୍ରାରେ ରହିଛି। କମ ସମୟ ମଧ୍ୟରେ ଘର ଭିତରେ ଏବଂ ବାହାରେ ଚାଷ କରାଯାଇପାରୁଥିବାରୁ ଛତୁଚାଷ ଲୋକପ୍ରିୟ ହୋଇପାରିଛି। ଛତୁ ସାକାହାରୀ ମାନଙ୍କ ପାଇଁ ଏକ ଉତ୍ତମ ପୁଷ୍ଟିସାର ଖାଦ୍ୟ ହୋଇଥିବାରୁ ଏହାର ଅନେକ ଚାହିଦା ମଧ୍ୟ ରହିଛି। ଧାନ ଚାଷରୁ ବାହାରୁଥିବା ନଡ଼ାକୁ ବ୍ୟବହାରକରି ଛତୁଚାଷ କରିଯାଇ ପାରିଲେ କେବଳଯେ ଚାଷୀଙ୍କ ଆୟ ବୃଦ୍ଧି କରାଯାଇ ପାରିବ ତାହା ନୁହେଁ ବରଂ ଧାନନଡ଼ା ଗୁଡ଼ିକର ମଧ୍ୟ ସଦ୍‌ଉପଯୋଗ କରାଯାଇପାରିବ।

## ସାରଣୀ ୧: ବିଭିନ୍ନ ଛତୁର ଖାଦ୍ୟସାର ମୂଲ୍ୟ

| ଖାଦ୍ୟସାର | ପ୍ରତି ୧୦୦ ଗ୍ରାମ୍ର ତେଜ ଛତୁରେ ଉପଲବ୍ଧ ଖାଦ୍ୟସାର ର ମାତ୍ରା | | |
|---|---|---|---|
| | ପାଳଛତୁ | ଧିଙ୍ଗିରୀଛତୁ | ବଟନଛତୁ |
| ଜଳୀୟଅଂଶ | ୯୦.୪୦ ଗ୍ରା. | ୮୮.୮ ଗ୍ରା. | ୮୯.୦୦ ଗ୍ରା. |
| ସ୍ନେହସାର | ୦.୨୫ ଗ୍ରା. | ୦.୪୧ ଗ୍ରା. | ୦.୪୦ ଗ୍ରା. |
| ପୁଷ୍ଟିସାର | ୩.୯୦ ଗ୍ରା. | ୩.୩୧ ଗ୍ରା. | ୩.୧୦ ଗ୍ରା. |
| ତନ୍ତୁ | ୧.୮୭ ଗ୍ରା. | ୨.୩ ଗ୍ରା. | ୧.୦୦ ଗ୍ରା. |
| ପାଉଁଶ | ୧.୧୦ ଗ୍ରା. | ୦.୮୭ ଗ୍ରା. | ୦.୯୭ ଗ୍ରା. |
| ଫସଫରସ | ୦.୧୦ ଗ୍ରା. | ୧୨୦ ମି.ଗ୍ରା. | ୮୬ ମି.ଗ୍ରା. |
| ପୋଟାସିୟମ | ୦.୩୨ ଗ୍ରା. | ୪୨୦ ମି.ଗ୍ରା. | ୩୧୮ ମି.ଗ୍ରା. |
| ଲୌହ | ୧.୭୦ ମି.ଗ୍ରା. | ୧.୩୩ ମି.ଗ୍ରା. | ୦.୫୦ ମି.ଗ୍ରା. |
| କ୍ୟାଲସିଅମ | ୫.୭୦ ମି.ଗ୍ରା. | ୩.୦୦ ମି.ଗ୍ରା. | ୦.୦୦ ମି.ଗ୍ରା. |
| ଥାୟାମିନ | ୦.୧୪ ମି.ଗ୍ରା. | ୦.୧୩ ମି.ଗ୍ରା. | ୦.୦୫ ମି.ଗ୍ରା. |
| ରାଇବୋଫ୍ଲାବିନ | ୦.୬୧ ମି.ଗ୍ରା. | ୦.୩୫ ମି.ଗ୍ରା. | ୦.୦୦ ମି.ଗ୍ରା. |
| ନିଆସିନ | ୨.୪୦ ମି.ଗ୍ରା. | ୪.୯୦ ମି.ଗ୍ରା. | ୩.୬୦ ମି.ଗ୍ରା. |
| ଆସ୍କରବିକଅମ୍ଳ | ୧୮.୦୦ ମି.ଗ୍ରା. | ୦.୦୦ ମି.ଗ୍ରା. | ୦.୦୦ ମି.ଗ୍ରା. |



ସିମେଣ୍ଟ ଟାଙ୍କିରେ ନଡ଼ା ଭିଜାଇବା

## ପାଳଛତୁ

ପାଳଛତୁ (ଭଲଭାରିଏଲା ସ୍ପେସିଜ) କୁ "ଉଷ୍ଣଛତୁ" ମଧ୍ୟ କୁହାଯାଇଥାଏ ଏବଂ ଏହା ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ ଆଦି ରାଜ୍ୟରେ ଚାଷ କରାଯାଇ ଥାଏ। ଓଡ଼ିଶା ରେ ଧାନ ନଡ଼ା ବହୁ ପରିମାଣ ରେ ଉପଲବ୍ଧ ଥିବାରୁ, ଏଠାରରେ ପାଳଛତୁ ସହଜରେ କରାଯାଇ ପାରିବ।



ଅସ୍ଥାୟୀ ଟାଙ୍କିରେ ନଡ଼ା ଭିଜାଇବା

## ପାଳଛତୁ ପାଇଁ ଆବଶ୍ୟକୀୟ ସାମଗ୍ରୀ

**ଧାନନଡ଼ା** - ୧୨% ରୁ କମ ଜଳୀୟ ଅଂଶଥିବା ଏବଂ ଫିମ୍ପି ଲାଗିନଥିବା ନଡ଼ାବିଡ଼ା ଗୁଡ଼ିକ ପାଳଛତୁ ଚାଷପାଇଁ ଉପଯୁକ୍ତ।

**ଛତୁମଞ୍ଜି** - ଗୋଟିଏ ଛତୁ ବେଡ଼ ପାଇଁ ୨୦୦ ଗ୍ରାମ୍ (ଗୋଟିଏ ବୋତଲ) ଛତୁମଞ୍ଜି ଆବଶ୍ୟକ ହୋଇଥାଏ।

**ଡାଲିଗୁଣ୍ଡ** - ଗୋଟିଏ ବେଡ଼ ପାଇଁ ପ୍ରାୟ ୨୦୦ ଗ୍ରାମ୍ ଡାଲିଗୁଣ୍ଡ ବା ଧାନଚଷୁ ଓ ଡାଲିର ମିଶ୍ରଣ ଆବଶ୍ୟକ ହୋଇଥାଏ।

**ପଲିଥିନ** - ପ୍ରତି ବେଡ଼ ପାଇଁ ୧୨ ବର୍ଗଫୁଟ ପଲିଥିନ ଆବଶ୍ୟକ ହୋଇଥାଏ

## ପାଳଛତୁ ଚାଷର ପ୍ରଣାଳୀ

- ୬୦ସେ.ମି. ଲମ୍ବ x ୧୫ସେ.ମି. ଗୋଲେଇ ବିଶିଷ୍ଟ ୪୦୦-୫୦୦ ଗ୍ରାମ ଓଜନର ଧାନନଡ଼ା ବିଡ଼ା ପ୍ରସ୍ତୁତ କରି ରଖନ୍ତୁ।
- ଧାନବିଡ଼ା ଗୁଡ଼ିକୁ ପରିଷ୍କାର ପାଣିରେ ପ୍ରାୟ ୧୨-୧୮ ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ।
- ତା ପରେ ନଡ଼ାରୁ ପାଣିକୁ ନିଗାଡ଼ିବା ପାଇଁ ନଡ଼ାବିଡ଼ାକୁ ଠିଆକରି ରଖନ୍ତୁ।
- ୪ଟି ବିଡ଼ାକୁ ପାଖାପାଖି ରଖି ବେଡ଼ ର ପ୍ରଥମ ସ୍ତର ତିଆରି କରନ୍ତୁ।



- ଶଯ୍ୟାର ପ୍ରତ୍ୟେକ ଦାଢ଼ରୁ ୮-୧୦ ସେ.ମି. ଛାଡ଼ି ୩ ଭାଗ ରୁ ୧ ଭାଗ ଛତୁ ମଞ୍ଜିକୁ ରଖିଦିଅନ୍ତୁ।
- ଡାଲିଗୁଣ୍ଡ ବା ଧାନଚଷୁ ଓ ଡାଲିଗୁଣ୍ଡର ମିଶ୍ରଣକୁ ଛତୁମଞ୍ଜି ଉପରରେ ବିଞ୍ଚି ଦିଅନ୍ତୁ। ତା' ଉପରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ତର କରି ଦ୍ୱିତୀୟ ଏବଂ ତୃତୀୟ ସ୍ତରରେ ଛତୁମଞ୍ଜି ସମପରିମାଣର ବୁଣନ୍ତୁ।
- ବେଡ଼କୁ ଉପରୁ ଚାପି ଦିଅନ୍ତୁ ଓ ତାପରେ ପଲିଥିନରେ ଘୋଡ଼ାଇ ଦିଅନ୍ତୁ ଯାହା ଫଳରେ ଶଯ୍ୟାରେ ତାପମାତ୍ରା ୩୦-୩୫ ଡିଗ୍ରୀ ଓ ଆର୍ଦ୍ରତା ୮୦-୮୫% ରହିବ।
- ଛତୁ ଶଯ୍ୟା କରିବାର ୭-୮ ଦିନପରରେ ପଲିଥିନକୁ କାଢ଼ିଦିଅନ୍ତୁ।
- ପଲିଥିନ କାଢ଼ିବାର ୪-୫ ଦିନପରେ ପ୍ରଥମ ଅମଳ କରାଯାଇ ପାରିବ, ଯେଉଁଥିରୁ ପ୍ରାୟ ୭୦-୯୦ ପ୍ରତିଶତ ଛତୁ ମିଳିବ।



- ଆବଶ୍ୟକତା ଅନୁସାରେ ଜଳ ସିଞ୍ଚନକରି ଶଯ୍ୟାର ଆଦ୍ରତା ବଜାୟ ରଖନ୍ତୁ।
- ତାପମାତ୍ରା ଓ ଆର୍ଦ୍ରତା ନିୟନ୍ତ୍ରଣ କରିବା ଦ୍ୱାରା ପ୍ରଥମ ଅମଳର ୩-୪ ଦିନ ପରେ ବାକି ୧୦-୩୦ ପ୍ରତିଶତ ଛତୁ ମିଳିବ।
- ପ୍ରତି ବେଡ଼ରୁ ହାରାହାରି ୧.୫ ରୁ ୨.୦ କେଜି ଛତୁ ଉତ୍ପାଦନ କରାଯାଇ ପାରିବ।
- କ୍ଷୁଦ୍ର ଚାଷୀମାନେ ନିଜ କ୍ଷେତରୁ ବାହାରୁଥିବା ନଡ଼ାକୁ ବ୍ୟବାହାରକରି ଅତି ସହଜରେ ୧୦୦ଟି ବେଡ଼ ତିଆରି କରିପାରିବେ। ଏହା ଫଳରେ ସେମାନେ ଖର୍ଚ୍ଚର ୨ ଗୁଣ ଲାଭ ପାଇପାରିବେ।



ପାଳଛତୁ ଅମଳ ପାଇଁ ଉପଯୁକ୍ତ ଅବସ୍ଥା

### ସାରଣୀ ୨: ଶହେଟି ପାଳଛତୁ ବେଡ଼ ତିଆରି ପାଇଁ ବ୍ୟୟ ଓ ଆୟର ହିସାବ

| | | | |
|---|---|---|---|
| ନିବେଶ | | | |
| ସାମଗ୍ରୀ | ପରିମାଣ | ଦର (ଟଙ୍କା) | ଖର୍ଚ୍ଚ (ଟଙ୍କା) |
| ଧାନନଡ଼ା | ୧୬୦୦ ବିଡ଼ା | ୧.୫୦ | ୨୪୦୦.୦୦ |
| ଛତୁମଞ୍ଜି | ୧୦୦ବୋତଲ | ୧୫.୦୦ | ୧୫୦୦.୦୦ |
| ଡାଲି ଓ ଚାଉଳ ଚୋକଡ଼ | ୨୦କେଜି | ୧୦୦.୦୦ | ୨୦୦୦.୦୦ |
| କବକନାଶକ | - | - | ୨୦୦.୦୦ |
| ପଲିଥିନ | ୮୦୦ ବର୍ଗଫୁଟ | ୨.୦୦ | ୧୬୦୦.୦୦ |
| ଶ୍ରମ | | | |
| ନଡ଼ାବିଡ଼ା କାଟିବା, ପାଣିରେ ବତୁରାଇବା, ବେଡ଼ ତିଆରିକରିବା ପାଣି ଦେବା, ତୋଳିବା ଏବଂ ପ୍ୟାକିଙ୍ଗ ଇତ୍ୟାଦି | ୧୦ ଦିନ | ୨୫୦.୦୦ | ୨୫୦୦.୦୦ |
| ସମୁଦାୟ ଖର୍ଚ୍ଚ = ୧୦,୨୦୦.୦୦ ଟଙ୍କା | | | |
| ପ୍ରତିବେଡ଼ ୧.୫ କେଜି ହିସାବରରେ ଅମଳ = ୧୫୦.୦୦ କେଜି | | | |
| ପ୍ରତିକେଜି ୧୫୦ଟଙ୍କା ହିସାବରେ ଉପାର୍ଜନ = ୨୨,୫୦୦.୦୦ ଟଙ୍କା | | | |
| ଲାଭ = ୧୨,୩୦୦.୦୦ ଟଙ୍କା | | | |
| ଲାଭ: ଖର୍ଚ୍ଚ ଅନୁପାତ = ୨.୨୦ | | | |

## ଓଏଷ୍ଟର/ଧିଙ୍ଗିରି ଛତୁଚାଷ

ଓଏଷ୍ଟର ଛତୁକୁ ଓଡ଼ିଶାରେ ଧିଙ୍ଗିରି ଛତୁ ମଧ୍ୟ କୁହାଯାଇଥାଏ ଏବଂ ଏହା ଶୀତଦିନରେ (ନଭେମ୍ବର - ଫେବୃଆରୀ) ଚାଷ କରାଯାଇଥାଏ। ରାଜ୍ୟ ଛତୁ ଉତ୍ପାଦନରେ ଏହି ଛତୁର ଅଂଶ ପ୍ରାୟ ୩୩%। ଏହା ପାଳଛତୁ ତୁଳନାରେ ଅଧିକ ସମୟଧରି ସତେଜ ରହିଥାଏ।

## ଧିଙ୍ଗିରିଚାଷ ପାଇଁ ଆବଶ୍ୟକୀୟ ସାମଗ୍ରୀ :

**ଧାନନଡ଼ା:** ୧୨%ରୁ କମ ଜଳୀୟ ଅଂଶଥିବା ନଡ଼ା ଧିଙ୍ଗିରି ଛତୁଚାଷ ପାଇଁ ଉପଯୁକ୍ତ। ୮୦ ସେ.ମି. x ୪୦ ସେ.ମି. ବିଶିଷ୍ଟ ଗୋଟିଏ ବ୍ୟାଗ ପାଇଁ ୧.୫ - ୩.୦ କେ.ଜି. କଟା ଧାନନଡ଼ା ଆବଶ୍ୟକ ହୋଇଥାଏ।

**ଛତୁମଞ୍ଜି:** ପ୍ରତ୍ୟେକ ବେଡ଼ପାଇଁ ପ୍ରାୟ ୨୦୦ ଗ୍ରାମ୍ ୩-୪ ସପ୍ତାହ ବୟସ୍କ ଛତୁମଞ୍ଜି ଆବଶ୍ୟକ। ମଞ୍ଜି ଗୁଡ଼ିକ ଉନ୍ନତ ମାନର ହେବା ଆବଶ୍ୟକ।

**ଗହମ:** ପ୍ରତି ବେଡ଼ପାଇଁ ପ୍ରାୟ ୨୦୦ ଗ୍ରାମ୍ ଗହମ ଆବଶ୍ୟକ ହୋଇଥାଏ।

**ପଲିଥିନ ବ୍ୟାଗ:** ୧୨୫-୧୫୦ ଗଜ ବିଶିଷ୍ଟ ୮୦ ସେ.ମି. x ୪୦ ସେ.ମି. ଆକାର ର ପଲିଥିନ ବ୍ୟାଗ ଆବଶ୍ୟକ ହୋଇଥାଏ।



мହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଧିଙ୍ଗିରି ଛତୁଶଯ୍ୟା

## ଧିଙ୍ଗିରି ଛତୁଚାଷ  ପ୍ରଣାଳୀ

- ଉନ୍ନତ ମାନର ନଡ଼ାକୁ ୪-୫ ସେ.ମି. ଆକାର ରେ କାଟି ଦିଆଯାଏ।
- କଟା ନଡ଼ାକୁ ସଫା ପାଣିରେ ୧୦-୧୨ ଘଣ୍ଟା ପର୍ଯ୍ୟନ୍ତ ବୁଡ଼ାଇ ଦିଆଯାଏ।
- ତାପରେ ଏହି ନଡ଼ାକୁ ୧ ଘଣ୍ଟା ପର୍ଯ୍ୟନ୍ତ ଗରମ ପାଣିରେ ବୁଡ଼ାଇ ଦିଆଯାଏ।
- ତାପରେ ଏହାକୁ ଛାଇରେ କିଛି ଘଣ୍ଟା ଶୁଖାଇ ଦିଆଯାଏ ଯେପରିକି ଆର୍ଦ୍ରତା ୫୫-୬୦% ରହିଥାଏ।
- ଶୁଖିବା ପରେ ନଡ଼ାକୁ ୪ ଭାଗ କରି ଦିଆଯାଏ।
- ପଲିଥିନ ବ୍ୟାଗରେ ଗୋଟିଏ ମୁହଁକୁ ରବର ସାହାଯ୍ୟରେ ବନ୍ଦ କରିଦିଆଯାଏ ଏବଂ ନଡ଼ାକୁ ୧୫ ସେ.ମି. ଉଚ୍ଚତା ବିଶିଷ୍ଟ ସ୍ତର ତିଆରି  କରନ୍ତୁ।
- ଧାନ ନଡ଼ାକୁ ଧୀରେ ଚାପିଦିଅନ୍ତୁ ଓ ତାପରରେ ୫୦ ଗ୍ରାମ୍ ଛତୁମଞ୍ଜି ଓ ୫୦ ଗ୍ରାମ୍ ସିଝା ଗହମ ବୁଣନ୍ତୁ।
- ଏହିଭଳି ଭାବରେ ୪ଟି ସ୍ତର ପ୍ରସ୍ତୁତ କରନ୍ତୁ ଏବଂ ଉପରପଟକୁ ବନ୍ଦ କରିଦିଅନ୍ତୁ।
- ପ୍ରତି ବେଡ଼ରେ ୨୦-୨୫ ଗୋଟି ଛିଦ୍ର କରନ୍ତୁ।
- ପବନ ଚଳାଚଳ ସୁବିଧାଥିବା ଏକ ଘରେ, ଯେଉଁଠି ତାପମାତ୍ରା ୨୫° ସେଲସିୟସ ଥିବ, ସେଭଳି ଘରେ ଏହି ବ୍ୟଗକୁ ରଖିଦିଅନ୍ତୁ। କବକତନ୍ତୁ ବଢୁଥିବା ସମୟରେ ପଲିଥିନ ବ୍ୟାଗକୁ ଖୋଲନ୍ତୁ ନାହିଁ।
- ୧୫-୧୬ ଦିନପରେ  କବକତନ୍ତୁ  ବ୍ୟାପିଗଲା ପରେ ବ୍ୟାଗଗୁଡ଼ିକୁ ଖୋଲନ୍ତୁ।
- ତାପରେ ପଲିଥିନ ବ୍ୟାଗଗୁଡ଼ିକୁ ୨୦ ସେ.ମି. ବ୍ୟବଧାନ ରେ ଥାକ ଉପରେ ସଜାଇ ରଖନ୍ତୁ କିମ୍ବା ଦଉଡ଼ି ସାହାଯ୍ୟରେ ଝୁଲାଇ ରଖନ୍ତୁ।
- ପାଗ ଅନୁସାରେ ଦିନକୁ ୨ଥର  କରି ପାଣିଛିଞ୍ଚନ୍ତୁ।
- ୪-୫ ଦିନ ପରେ ଛୋଟଛୋଟ ଛତୁଅଣ୍ଡା ଦେଖିବାକୁ ମିଳିଥାଏ ଯାହାକୁ ୩-୪ ଦିନ ପରେ ତୋଳା ଯାଇପାରିବ।
- ୭-୧୦ ଦିନ ପରେ ଦ୍ୱିତୀୟଥର ଛତୁ ଅମଳ କରାଯାଇପାରିବ। ଏହିଭଳି ଭାବେ ୪୫ ଦିନ ମଧ୍ୟରେ ୩-୪ ଥର ଅମଳ କରାଯାଇପାରିବ।
- ଉପଯୁକ୍ତ ପରିଚାଳନାଦ୍ୱାରା ପ୍ରତି ବ୍ୟାଗରୁ ୧.୫-୨ କେଜି ଛତୁ ଉତ୍ପାଦନ କରାଯାଇପାରିବ ଏବଂ ୧୦୦ଟି ବେଡ଼ରୁ ପ୍ରାୟ  ୬,୬୦୦ ଟଙ୍କା ଉପାର୍ଜନ କରାଯାଇପାରିବ।

### ସାରଣୀ ୩: ଧିଙ୍ଗିରି ଛତୁର ଶହେ ଟି ବେଡ଼ ପାଇଁ ବ୍ୟୟ ଓ ଆୟ ର ହିସାବ

| ନିବେଶ | | | |
|---|---|---|---|
| ସାମଗ୍ରୀ | ପରିମାଣ | ଦର (ଟଙ୍କା) | ଖର୍ଚ୍ଚ (ଟଙ୍କା) |
| ଧାନନଡ଼ା | ୩୦୦ କେଜି | ୧.୫୦ | ୪୫୦.୦୦ |
| ଛତୁମଞ୍ଜି | ୧୦୦ବୋତଲ | ୧୫.୦୦ | ୧୫୦୦.୦୦ |
| ଗହମ | ୨୦କେଜି | ୨୫.୦୦ | ୫୦୦.୦୦ |
| ପଲିଥିନ | ୩୦୦ ବର୍ଗଫୁଟ | ୨.୦୦ | ୬୦୦.୦୦ |
| ଶ୍ରମ | | | |
| ନଡ଼ାବିଡ଼ା କାଟିବା, ପାଣିରେ ବତୁରାଇବା, ବେଡ଼ ତିଆରି କରିବା ବେଡ଼ରେ ପାଣି ଦବା, ଅମଳ କରିବା ଓ ପ୍ୟାକିଙ୍ଗ କରିବା ଇତ୍ୟାଦି | ୧୦ ଦିନ | ୨୫୦.୦୦ | ୨୫୦୦.୦୦ |
| ସମୁଦାୟ ଖର୍ଚ୍ଚ = ୫.୪୦୦.୦୦ ଟଙ୍କା | | | |
| ପ୍ରତିବେଡ଼ ୧.୫ - ୨.୦ କେଜି ହିସାବରରେ ଅମଳ = ୧୫୦.୦୦ କେଜି | | | |
| ପ୍ରତିକେଜି ୮୦ଟଙ୍କା ହିସାବରେ ଉପାର୍ଜନ = ୧୨.୦୦୦.୦୦ ଟଙ୍କା | | | |
| ଲାଭ = ୬.୬୦୦.୦୦ ଟଙ୍କା | | | |
| ଲାଭ: ଖର୍ଚ୍ଚ ଅନୁପାତ = ୨.୨୨ | | | |



ଦଉଡ଼ିରେ ଝୁଲାଯାଇଥିବା ଧିଙ୍ଗିରି ଛତୁ ଶଯ୍ୟା